بسم الله الرحمن الرحيم

**୨୯ ଜୁଲାଇ ୨୦୨୨ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍**

**ହଜରତ ଅବୁବକର୍ ସିଦ୍ଦିକ୍ [ର.ଅ]ଙ୍କ ଖିଲାଫତ୍ କାଳରେ ଦେଖା ଦେଇଥିବା ବିପତ୍ତି, ବିଶୃଙ୍ଖଳା ଓ ବିଦ୍ରୋହକୁ ଦମନ କରିବା ସକାଶେ ପ୍ରେରଣ କରାଯାଇଥିବା ଅଭିଯାନମୂଳକ ପଦକ୍ଷେପର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଅବୁବକର୍ ସିଦ୍ଦିକ୍ [ର.ଅ]ଙ୍କ ଖିଲାଫତ୍ କାଳରେ ବିଦ୍ରୋହ ଓ ବିଶୃଙ୍ଖଳାମୂଳକ ଗତିବିଧିକୁ ଦମନ କରିବା ସକାଶେ ବିଭିନ୍ନ ଅଭିଯାନର ଚର୍ଚ୍ଚା ଚାଲିଥିଲା । ଆଜି ତାହାର ଅବଶିଷ୍ଟାଂଶ ଘଟଣାବଳୀର ଆଲୋଚନାକ୍ରମରେ ପାର୍ସିମାନଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ପ୍ରସଙ୍ଗରେ ଆଲୋଚନା କରିବି । ଯାହାକି ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ [ର.ଅ]ଙ୍କ ନେତୃତ୍ୱରେ ୧୨ହିଜ୍‌ରୀରେ ଲଢ଼ା ଯାଇଥିଲା, ସେଗୁଡ଼ିକ ଯଥାକ୍ରମେ ହିରାଃ, ଅନ୍‌ବାର୍ (ଜାତୁଲ୍ ଉୟୁନ୍), ଅୖନୁତ୍ ତମର୍, ଦୁମତୁଲ୍ ଜନ୍ଦଲ୍, ହୁସୈଦ୍ ଓ ଖନାଫସ୍, ମୁସୈୟଖ୍, ସନା ଓ ଜୁମିଲ୍, ରୁଜାବ୍ ତଥା ଫିରାଜ୍ ଆଦି ଅଂଚଳରେ ଲଢ଼ା ଯାଇଥିଲା ଏବଂ ଏଥିସହିତ କ୍ରମାଗତ ଯୁଦ୍ଧର ବିଷୟବସ୍ତୁ ଯାହାକି ଜାରି ରହିଛି ତାହା ଆଜି ଶେଷ ହେବ । ଇନ୍‌ଶାଅଲ୍ଲାଃ

ହିରାଃ ଅଂଚଳ ବିଜୟ ହେବା ପ୍ରସଙ୍ଗରେ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ବିଜୟ ଏକ ବିରାଟ ଯୁଦ୍ଧର ଗୁରୁତ୍ୱ ବହନ କରୁଥିଲା ଏବଂ ଏତତ୍ ଦ୍ୱାରା ମୁସଲମାନମାନଙ୍କ ଦୃଷ୍ଟିରେ ପାରସ୍ୟ ସାମ୍ରାଜ୍ୟକୁ ଜୟ କରିବାର ଆଶା ଅଧିକ ଦୃଢ଼ଭୂତ ହୋଇଥିଲା । କାରଣ ଇରାକ୍ ଓ ପାରସ୍ୟ ସାମ୍ରାଜ୍ୟ ପାଇଁ ଭୌଗୋଳିକ ଓ ସାହିତ୍ୟିକ ଦୃଷ୍ଟିକୋଣରୁ ସେହି ସହରର ବେଶ୍ ଗୁରୁତ୍ୱ ରହିଥିଲା । ହିରାକୁ ଇସଲାମୀୟ ମହାନ ସେନାଧ୍ୟକ୍ଷ ନିଜର କେନ୍ଦ୍ର ଓ ରାଜଧାନୀ ରୂପେ ଚୟନ କରିଥିଲେ । ଯେଉଁସ୍ଥଳୁ ଇସଲାମୀୟ ସେନାକୁ ଜନସମାଗମ, ନିଜର ନିରପତ୍ତା, ଶାନ୍ତି ଶୃଙ୍ଗଳା ରକ୍ଷା କରିବା, ସାହାଯ୍ୟ ଓ ନିର୍ଦ୍ଦେଶମାନ ପହଂଚୁଥିଲା ଏବଂ କଏଦୀମାନଙ୍କ ପ୍ରସଙ୍ଗରେ ଶାନ୍ତି ଶୃଙ୍ଗଳା ରକ୍ଷା କରିବା ମୂଳକ ଯୋଜନା ପ୍ରସ୍ତୁତ କରିବା ତଥା ରାଜନୈତିକ କେନ୍ଦ୍ରସ୍ଥଳି ଧାର୍ଯ୍ୟ କରିଥିଲେ । ସେଠାରୁ ହଜରତ ଖାଲିଦ୍[ର.ଅ] ଖଜଣା ଓ କର ଆଦାୟ କରିବା ବିଭିନ୍ନ ରାଜ୍ୟରେ କରଆଦାୟକାରୀ ଓ ସୀମାନ୍ତରେ ଅମିର ମୁତୟନ କରିଥିଲେ, ଯଦ୍ୱାରା ଶତ୍ରୁ କବଳରୁ ସୁରକ୍ଷିତ ରହିବା ସୁନିଶ୍ଚିତ ହୋଇଯିବ ।

ଯେତେବେଳେ ଇରାକ୍‌ର ପରିସ୍ଥିତି ସାମନ୍ୟ ହୋଇଗଲା ଓ ପାରସ୍ୟ ସାମ୍ରାଜ୍ୟର ଅବସାନ ଘଟିବା ଫଳରେ ଆଉ କୌଣସି ଭୟ ବାକି ରହିଲା ନାହିଁ । ସେତେବେଳେ ହଜରତ ଖାଲିଦ୍[ର.ଅ] ସିଧାସଳଖ ଇରାନ୍ ଉପରେ ଆକ୍ରମଣ କରିବାର ଦୃଢ଼ ମନସ୍ଥ କରି ନେଇଥିଲେ । ସେହି ସମୟରେ ଇରାନୀ ପ୍ରଶାସନ ଖଳଫଶାର ଶିକାର ହୋଇ ଯାଇଥିଲା । ଏପରି ସୁନ୍ଦର ଅବସରରୁ ଉପକୃତ ହୋଇ ହଜରତ ଖାଲିଦ୍[ର.ଅ] ସେମାନଙ୍କ ମହାରାଜା ଓ ବିଶେଷ ଅମିରମାନଙ୍କ ନିକଟକୁ ପତ୍ର ପ୍ରେରଣ କଲେ ଯେ ତୁମେମାନେ ଇସଲାମ ଧର୍ମ ସ୍ୱୀକାର କରିନିଅ, ଆମ କବଳରୁ ସୁରକ୍ଷିତ ରହିବ ଅଥବା ଖଜଣା ପୈଠ କର ଯଦ୍ୱାରା ଆମେ ତୁମକୁ ସୁରକ୍ଷା ପ୍ରଦାନ କରିବାର ଜାମିନ୍ ରହିବୁ । ନଚେତ୍ ମନେରଖ ମୁଁ ଏପରି ଜାତିର ଲୋକମାନଙ୍କ ମାଧ୍ୟମରେ ତୁମ ଉପରେ ଚଢଉ କରିବି ଯେ ମୃତ୍ୟୁକୁ ଏଭଳି ପ୍ରିୟ ରଖନ୍ତି ଯେପରି ତୁମେମାନେ ମଦ୍ୟପାନ କରିବାକୁ ଅତି ଭଲପାଅ । ହିରାଃ ଜୟ କରିବା ଫଳରେ ଇରାକ୍ ଜୟ କରିବା ଓ ତାହାକୁ ଇସଲାମୀୟ ପ୍ରଶାସନ ଅଧିନସ୍ଥ କରିବା ପରିପ୍ରେକ୍ଷୀରେ ହଜରତ ଅବୁବକର୍ [ର.ଅ]ଙ୍କ ଆକାଂକ୍ଷାର ଗୋଟିଏ ଅଂଶ ପୂରଣ

ହୋଇଗଲା । ଯାହାକି ଇରାନ୍ ଉପରେ ସିଧାସଳଖ ଭାବରେ ଆକ୍ରମଣ କରିବାର ମୂଳ ଖୁଅ ଥିଲା ।

ଅନବାର୍ ଯୁଦ୍ଧ ଅର୍ଥାତ ଜାତୁଲ୍ ଉୟୁନ୍ (ଚକ୍ଷୁଧାରୀ ଯୁଦ୍ଧ)ରେ ଶତ୍ରୁ ଧରାଶାୟୀ ହୋଇ ଦୁର୍ଗରେ ଆତ୍ମଗୋପନ କରିନେବା ଏବଂ ଅନବାର୍‌ର ହାକିମ ଶିରଅଯାଜ୍ ହଜରତ ଖାଲିଦ୍ [ର.ଅ]ଙ୍କ ନିକଟରେ ସନ୍ଧି ପାଇଁ ନିବେଦନ କରିବା ପ୍ରସଙ୍ଗରେ ପ୍ରିୟ ହଜୁର ଅନୱର[ଅ.ବ] କହିଲେ, ଏହିସ୍ଥଳେ ଏକଥା ଧ୍ୟାନ ଦେବା ଯୋଗ୍ୟ ଯେ ଯେଉଁ ଇତିହାସବିତ୍ ଓ ଜୀବନୀ ଲେଖାଳୀ ହଜରତ ଖାଲିଦ୍ ଉପରେ ଏହି ଦୋଷାରୋପ କରନ୍ତି ଯେ ଆପଣ ହିଂସ୍ର ଓ ବର୍ବରତାର ବଜାର ସରଗରମ କରି ରଖିଥିଲେ ଏବଂ ହତ୍ୟା ଓ ହଣାକଟାର ପରିବେଶ ବଜାୟ ରଖିଥିଲେ । ସେମାନଙ୍କୁ ଅନୁଧ୍ୟାନ କରିବା ଉଚିତ୍ ଯେ ଭୀଷଣ ଘମାଘୋଟ ଯୁଦ୍ଧ ଓ ବାରମ୍ବାର ସନ୍ଧିର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଯେତେବେଳେ ଶତ୍ରୁ ପରାସ୍ତ ହୋଇ ସେଠାରୁ ଚାଲି ଯିବାକୁ ଅନୁମତି ମାଗିଲା ସେତେବେଳେ ଆପଣ[ର.ଅ] ତାହାକୁ ତିନି ଦିନର ଖାଦ୍ୟ ସାମଗ୍ରୀ ପ୍ରଦାନ କରି ବିଦାୟ ଦେଇଥିଲେ । ସେଥିଅନ୍ତେ କୌଣସି ପ୍ରକାରର ଅଭିମାନ କି ପଶ୍ଚାତାପର ଆଚରଣ ପ୍ରଦର୍ଶନ କରି ନଥିଲେ । ସୁତରାଂ ଏହା ଏକଥାର ଜ୍ୱଳନ୍ତ ପ୍ରମାଣ ଯେ, ଲୋକମାନେ ଆପଣଙ୍କୁ ଅତ୍ୟାଚାରୀ କହିବା ଭିତ୍ତିହୀନ ଅଟେ

ଅଐନୁତ୍ ତମର୍ ଯୁଦ୍ଧ ଓ ସେହି ଅଂଚଳରେ ଅବସ୍ଥିତ ଦୁର୍ଗର ଘେରାଉ କରିବା ତଥା ସେଠାରେ ଥିବା ଧନସମ୍ପତ୍ତିକୁ । ନିଜ ଅଧୀନକୁ ଆଣିବା ପ୍ରସଙ୍ଗରେ ବ୍ୟାଖ୍ୟା କରି ପ୍ରିୟ ହଜୁର ଅନୱର[ଅ.ବ] କହିଲେ, ହଜରତ ଖାଲିଦ୍[ର.ଅ] ତାଙ୍କ ଧର୍ମପୀଠରେ ୪୦ଜଣ ଯୁବକଙ୍କୁ ପାଇଲେ ଯାହାଙ୍କୁ ଖ୍ରୀଷ୍ଟଧର୍ମୀମାନେ ବନ୍ଧକ କରି ରଖିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଆରବୀ ବଂଶଜ ଥିଲେ । ଇସଲାମୀୟ ଇତିହାସରେ ଏମାନଙ୍କୁ ଏଥିସକାଶେ ଗୁରୁତ୍ୱ ରହିଛି କାରଣ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରେ ଏପରି ବଡ଼ ବଡ଼ ବିଦ୍ୱାନ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଜନ୍ମ ଗ୍ରହଣ କଲେ ଯେ, ନିଜ ସମୟ କାଳରେ ଏବଂ ପରବର୍ତ୍ତୀ ସମୟରେ ମଧ୍ୟ ଇସଲାମୀୟ ଇତିହାସରେ ନିଜର ଗଭୀର ଛାପ ଛାଡ଼ିଗଲେ । ସେମାନଙ୍କ ମଧ୍ୟରେ ମୁହମ୍ମଦ ବିନ୍ ସିରିନ୍‌ଙ୍କ ପିତା ସିରିନ୍, ମୁସା ବିନ୍ ନସିର୍‌ଙ୍କ ପିତା ନୁସେର୍ ଓ ହଜରତ ଉସମାନ୍ [ର.ଅ]ଙ୍କ ସ୍ୱାଧୀନ ପ୍ରାପ୍ତ କ୍ରୀତଦାସ ହୁମରାନ୍ ମଧ୍ୟ ସାମିଲ ଥିଲେ । ଇରାକ୍‌ର ନିବାସୀ ସିରିନ୍ ଜଣେ ବହୁତ ବଡ଼ କାରିଗର ଥିଲେ । ଅଐନୁତ୍ ତମର୍ ଯୁଦ୍ଧରେ ସେ ବନ୍ଦୀ ହୋଇ ଯାଇଥିଲେ ଏବଂ ହଜରତ ଅନସ୍ ବିନ୍ ମାଲିକ୍ [ର.ଅ]ଙ୍କ ଦାସ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜକୁ ମୁକ୍ତ କରି ନେଇଥିଲେ । ତାଙ୍କ ପୁତ୍ର ସୁପ୍ରସିଦ୍ଧ ଅନୁଚରଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଯାହାଙ୍କ ନାମ ମୁହମ୍ମଦ ବିନ୍ ସିରିନ୍ ଥିଲା ଯେ ପବିତ୍ର କୁରଆନର ବ୍ୟାଖ୍ୟା, ହଦିସ୍, ଫିକା ଓ ସ୍ୱପ୍ନର ଯଥାର୍ଥ ଦର୍ଶାଇବା ଆଦି ବିଶେଷ ଗୁଣର ଅଧିକାରୀ ଥିଲେ । ସେଥିଅନ୍ତେ ବନୁ ଉମଇୟାର କଏଦୀମାନଙ୍କ ମଧ୍ୟରେ ନୁସେର୍, ମୁସା ବିନ୍ ନସିର୍‌ଙ୍କ ପିତା ଯାହାଙ୍କୁ ବନୁ ଉମଇୟାର କେହି ଜଣେ ବ୍ୟକ୍ତି ସ୍ୱାଧୀନ କରିଥିଲେ । ସେ ନିଜ ପୁତ୍ର ମୁସାଙ୍କ ଯୋଗୁଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ମୁସା ବିନ୍ ନସିର୍ ଉତ୍ତର ଆଫ୍ରିକାରେ ଯଶ ଓ ଖ୍ୟାତି ଅର୍ଜନ କରିଥିଲେ । ଅଧିକନ୍ତୁ ସେ ତାରିକ୍ ବିନ୍ ଜିୟାଦ୍‌ଙ୍କ ସାଥିରେ ସାମିଲ ହୋଇ ସ୍ପେନ୍‌ରେ ଇସଲାମୀୟ ଶାସନକୁ ସ୍ଥାପିତ କରିବାରେ ମଧ୍ୟ ଭୂମିକା ଗ୍ରହଣ କରିଥିଲେ । ୟହୁଦିମାନଙ୍କ ମଧ୍ୟରୁ ହୁମରାନ୍ ବିନ୍ ଅବାନ୍ ମଧ୍ୟ ଅଐନୁତ୍ ତମର୍ ଯୁଦ୍ଧର କଏଦୀମାନଙ୍କ ମଧ୍ୟରେ ସାମିଲ ଥିଲେ । ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇ ଯାଇଥିଲେ । ହଜରତ ଉସମାନ୍[ର.ଅ] ତାଙ୍କୁ ସ୍ୱାଧୀନ କରି ନିଜର ନିକଟବର୍ତ୍ତୀଙ୍କ ମଧ୍ୟରେ ସ୍ଥାନ ଦେଇଥିଲେ । ସେ ୪୧ ହିଜ୍‌ରୀରେ ସ୍ୱଳ୍ପ ଅବଦ୍ଧି ପର୍ଯ୍ୟନ୍ତ ବସ୍‌ରାର ହାକିମ ରୂପେ ମୁତୟନ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ ବନୁ ଉମଇୟାର ଶାସନ କାଳରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ ।

ଦୁମତୁଲ୍ ଜନ୍ଦଲ୍ ଯୁଦ୍ଧ ସମୟରେ ଉକେଦର୍‌ଙ୍କୁ ବନ୍ଦୀ କରି ଆଣି ହତ୍ୟା କରିବା ପ୍ରସଙ୍ଗରେ ପ୍ରିୟ ହଜୁର ଅନୱର[ଅ.ବ] କହିଲେ, ଏଠାରେ ପ୍ରଶ୍ନ ଉଠୁଛି ଯେ ଉକେଦର୍‌ଙ୍କୁ ବନ୍ଦୀ କରିବା ପରେ ହତ୍ୟା କାହିଁକି କରାଗଲା ? ତେବେ ଏହାର କାରଣ ଦର୍ଶାଯାଇଛି ଯେ ହଜରତ ଖାଲିଦ୍ [ର.ଅ]ଙ୍କୁ ତବୁକ୍ ଯୁଦ୍ଧ ସମୟରେ ହଜୁର[ସ.ଅ] ଉକେଦର୍ ନିକଟକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆପଣ ତାହାକୁ କଏଦ୍ କରି ଆଣି ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ କରାଇ ଥିଲେ । ହଜୁର[ସ.ଅ] ତାହା ସହିତ ଦୟା ଆଚରଣ ପ୍ରଦର୍ଶନ କରି ଛାଡ଼ି ଦେଇଥିଲେ ଏବଂ ତାହା ସହିତ ସନ୍ଧି ପତ୍ର ସ୍ୱାକ୍ଷର ହୋଇଥିଲା । କିନ୍ତୁ ତାହା ପରେ ସେ ଉକ୍ତ ସର୍ତ୍ତାବଳୀର ଉଲଘଂନ କରି ମଦିନାର ପ୍ରଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲା । ଏଥିସକାଶେ

ହଜରତ ଖାଲିଦ୍[ର.ଅ] ହଜରତ ଆସିମ୍ ବିନ୍ ଉମ୍‌ରୋଙ୍କୁ ଆଦେଶ ଦେଲେ ଯେ ତାହାକୁ ବନ୍ଦୀ କରି ଆଣି । ବସ୍ତୁତଃ ହଜରତ ଆସିମ୍ ତାହାକୁ କଏଦ୍ କରି ନେଇ ଆସିଥିଲେ ଏବଂ ତାହାର ପୂର୍ବ ବିଶ୍ୱାସଘାତକତା ଯୋଗୁଁ ହଜରତ ଖାଲିଦ୍[ର.ଅ] ତାହାକୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ । ଏପରି ଅଲ୍ଲାଃତାଲା ତାହାର ବିଶ୍ୱାସଘାତକତା ଓ ବିଦ୍ରୋହ କରିବା ଯୋଗୁଁ ତାହାର ନିପାତ (ସର୍ବନାଶ) କଲେ ।

ସେଥିଅନ୍ତେ ହୁସେଦ୍ ଓ ଖନାଫିସ୍ ଯୁଦ୍ଧର ଚର୍ଚ୍ଚା କରି ଦେଉଛି । ହୁସେଦ୍‌ରେ ଏକ ଭୀଷଣ ଘମାଘୋଟ ଯୁଦ୍ଧ ହୋଇଥିଲା । ଐଶ୍ୱର୍ଯ୍ୟମୟ ପ୍ରଭୁ ଅଣଆରବୀୟଙ୍କ ବହୁଳ ସଂଖ୍ୟକ ସୈନିକଙ୍କୁ ନିପାତ କରେଇ ଥିଲେ । ଉକ୍ତ ଯୁଦ୍ଧରେ ପ୍ରଚୁର ପରିମାଣରେ ଧନସମ୍ପତ୍ତି ମୁସଲମାନମାନଙ୍କ ହାତକୁ ଆସିଥିଲା । ଖନାଫସ୍ ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ଏହି ଯୁଦ୍ଧରେ ମୁସଲମାନ ସେନାଙ୍କୁ ବିଶେଷ କଷ୍ଟ କରିବାକୁ ପଡ଼ି ନଥିଲା ।

ମୁସୈୟଖ୍ ଯୁଦ୍ଧର ଚର୍ଚ୍ଚା କରି ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ, ଯେ ଏହି ଯୁଦ୍ଧରେ ଏଭଳି ଦୁଇଜଣ ବୀର ଯୋଦ୍ଧା ମୁସଲମାନ ସୈନ୍ୟଙ୍କ ଦ୍ୱାରା ନିହତ ହେଲେ ଯେ ମୁସୈୟଖ୍‌ର ନିବାସୀ ଥିଲେ କିନ୍ତୁ ତାଙ୍କ ନିକଟରେ ହଜରତ ଅବୁବକର୍ [ର.ଅ]ଙ୍କ ପ୍ରଦତ୍ତ ସୁରକ୍ଷାନାମା ରହିଥିଲା । ଯେତେବେଳେ ସେମାନଙ୍କ ନିହତ ହେବା ଖବର ଆପଣ [ର.ଅ]ଙ୍କୁ ପ୍ରାପ୍ତ ହେଲା ସେତେବେଳେ ଆପଣ ସେମାନଙ୍କ ଦିୟତ୍ (ପ୍ରତିଦାନ) ପ୍ରଦାନ କରିଦେଲେ । କିନ୍ତୁ ହଜରତ ଉମର[ର.ଅ] ଏଥିରେ ଜୋର ଦେଲେ ଯେ, ହଜରତ ଖାଲିଦ୍ [ର.ଅ]ଙ୍କର ଏହି କର୍ମ ପାଇଁ ତାଙ୍କୁ ଦଣ୍ଡିତ କରିବା ଉଚିତ୍ । କିନ୍ତୁ ହଜରତ ଅବୁବକର୍[ର.ଅ] ଉତ୍ତର ଦେଲେ, **ଯେଉଁ ମୁସଲମାନମାନେ ଶତ୍ରୁ ଦେଶରେ ଅବସ୍ଥାନ କରୁଛନ୍ତି ସେମାନଙ୍କ ସହିତ ଏପରି ଦୁର୍ଘଟଣା ଘଟିବା କିଛି ବଡ଼ କଥା ନୁହେଁ ।** ହଜରତ ଅବୁବକର୍[ର.ଅ] ଉକ୍ତ ନିହତ ବ୍ୟକ୍ତିମାନଙ୍କ ସନ୍ତାନମାନଙ୍କର ଲାଳନପାଳନ ଓ ଯତ୍ନ ନେବାର ଓ୍ୱସିୟତ୍ ମଧ୍ୟ କରିଥିଲେ ।

ସନା ଓ ଜମିଲ୍ ଯୁଦ୍ଧର ଘଟଣା ଚର୍ଚ୍ଚା କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ, ହଜରତ ଖାଲିଦ୍[ର.ଅ] ରୁଜାବ୍ ଅଂଚଳ ଅଧିକାର କରିବା ପରେ ଫିରାଜ୍ ଠାରେ ପହଂଚିଲେ । ଏହି ଯାତ୍ରାରେ ଆପଣ [ର.ଅ]ଙ୍କୁ ଅନେକ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯଦ୍ୱାରା ଆପଣ[ର.ଅ] ପବିତ୍ର ରମଜାନ ମାସର ରୋଜା ମଧ୍ୟ ରଖିପାରି ନଥିଲେ । ହଜରତ ଖାଲିଦ୍ [ର.ଅ]ଙ୍କ ହଠାତ୍ ଆକ୍ରମଣ ଓ ବିଭିନ୍ନ କବିଲା (ଦଳ)କୁ ପରାଜିତ କରିବା ଖବର ସମଗ୍ର ଇରାକ୍‌ରେ ଚହଳ ପକାଇ ଦେଇଥିଲା । ମରୁ ଅଂଚଳରେ ବାସବାସ କରୁଥିବା ସମସ୍ତ ଜାତି ତାଙ୍କୁ ଭୟ କରୁଥିଲେ । ସେମାନେ ମୁସଲମାନମାନଙ୍କ ନିକଟରେ ଆତ୍ମସର୍ମପଣ କରିବା ଓ ତାଙ୍କ ଆଜ୍ଞା ପାଳନ କରିବାରେ ହିଁ ନିଜର ହିତ ମଣିଲେ । ଯଦି ଅୟାଜ୍ ବିନ୍ ଗନମ୍ [ର.ଅ]ଙ୍କ ଭାଗ୍ୟ ତାଙ୍କ ସପକ୍ଷରେ ଥାଆନ୍ତା ଏବଂ ସେ ପ୍ରାରମ୍ଭରେ ଦୁମତୁଲ୍ ଜନ୍ଦଲ୍ ଜୟ କରି ନେଇଥାନ୍ତେ ତେବେ ସମ୍ଭବତଃ ହଜରତ ଖାଲିଦ୍[ର.ଅ] ଫିରାଜ୍ ପର୍ଯ୍ୟନ୍ତ ପହଂଚି ନଥାନ୍ତେ । କାରଣ ହଜରତ ଅବୁବକର୍ [ର.ଅ]ଙ୍କ ଉଦ୍ଦେଶ୍ୟ ସମଗ୍ର ଇରାକ୍ ଓ ସିରିୟାକୁ ଜୟ କରିବା ନଥିଲା । ସେ ତ' କେବଳ ଏତିକି ଚାହୁଁଥିଲେ ଯେ, ଉକ୍ତ ଦୁଇ ଦେଶର ସୀମାନ୍ତ ଯାହାକି ଆରବ ସହିତ ମିଳିତ ହେଉଛି, ସେଠାରେ ଶାନ୍ତି ପ୍ରତିଷ୍ଠା ହେଉ । ସେହି ଦିଗରୁ ଇରାନୀ ଓ ରୋମୀ ଆରବ ଉପରେ ଆକ୍ରମଣ ନକରନ୍ତୁ କିନ୍ତୁ ପରାକ୍ରମୀ ଅଲ୍ଲାଃଙ୍କ ଧାର୍ଯ୍ୟ ବିଧାନ ଥିଲା ଯେ, ଉକ୍ତ ଦୁଇ ଦେଶ ସମ୍ପୂର୍ଣ୍ଣ ରୂପେ ମୁସଲମାନମାନଙ୍କ ଅକ୍ତିଆରକୁ ଚାଲିଆସୁ । ସୁତରାଂ ସେ ଏପରି ମାଧ୍ୟମ ସୃଷ୍ଟି କଲେ ଯେ ହଜରତ ଖାଲିଦ୍[ର.ଅ] ଇରାକ୍‌ର କବିଲାଗୁଡ଼ିକୁ ନିଜ ଆଜ୍ଞାବହ କରେଇବାରେ ତାହାର ଉତ୍ତର ଦିଗ ସୀମାନ୍ତ ପର୍ଯ୍ୟନ୍ତ ପହଂଚିଗଲେ । ଅପରପକ୍ଷେ ମୁସଲମାନମାନଙ୍କ ପାଇଁ ଉପର ଭାଗରୁ ସିରିୟା ଉପରେ ଆକ୍ରମଣ କରିବା ବାଟ ଉନ୍ମୁକ୍ତ ହୋଇଗଲା । ଫିରାଜ୍‌ରେ ହଜରତ ଖାଲିଦ୍ [ର.ଅ]ଙ୍କୁ ସମ୍ପୂର୍ଣ୍ଣ ଏକ ମାସ ପର୍ଯ୍ୟନ୍ତ ଅବସ୍ଥାନ କରିବାକୁ ପଡ଼ିଥିଲା । **ସେଠାରେ ମଧ୍ୟ ଆପଣ ସେହିପରି ସାହସିକତା, ଦାମ୍ଭିକତା, ଦୃଢତା ଓ ଅଟଳ ବିଶ୍ୱାସର ପ୍ରଦର୍ଶନ କରିଥିଲେ ।** ଯାହାର ଉଦାହରଣ ଦେଖିବାକୁ ମିଳି ନଥାଏ । ଇରାକ୍‌ରେ ହଜରତ ଖାଲିଦ୍[ର.ଅ] ଯେଉଁ ଯୁଦ୍ଧମାନ ଲଢ଼ିଥିଲେ ଏହା ତାହାର ଶେଷ ଅଧ୍ୟାୟ ଥିଲା । ସେଥିଅନ୍ତେ ଇରାନୀମାନଙ୍କ ଟାଣ ଓ ଭବ୍ୟତା ଧୂଳିସାତ ହୋଇଗଲା । ତା'ପରେ ତାଙ୍କୁ ସେପରି ଶକ୍ତି ହାସଲ ହେଲା ନାହିଁ ଯାହାକୁ ଦେଖି ମୁସଲମାନମାନେ ଭୟଭୀତ ହୋଇଥାନ୍ତେ ।

ଇରାକ୍ ଉପରେ ଚଢଉ କରିବା ଏକ ବହୁତ ବଡ଼ ସଫଳତାର ଚିହ୍ନ ଥିଲା । ସେଠାରେ ମୁସଲମାନମାନେ ପାରସ୍ୟ ସେନାକୁ ଯେକି ମୁସଲମାନମାନଙ୍କ ସଂଖ୍ୟା ଓ ଯୁଦ୍ଧ ଅସ୍ତ୍ରଶସ୍ତ୍ର (ସରଞ୍ଜାମ) ତୁଳନାରେ ବେଶ୍ ଅଧିକ ଶକ୍ତିଶାଳୀ ଥିଲେ, ତଥାପି କ୍ରମାଗତ ଭାବରେ ପରାସ୍ତ ହେଲେ । ଏହିସ୍ଥଳେ ସ୍ମରଣ ରହୁ କି ପାରସ୍ୟ ସେନା ନିଜ ସମୟର ସବୁଠାରୁ ପରକ୍ରମୀ ଯୋଦ୍ଧା ଥିଲେ । ଏପରି ଅବସ୍ଥାରେ ମୁସଲମାନମାନେ ସେମାନଙ୍କୁ କ୍ରମାଗତ ଭାବରେ ପରାଜିତ କରିବା ସେହି ଶତାବ୍ଦୀର ସର୍ବଶ୍ରେଷ୍ଠ ସଫଳତା ଥିଲା । **ଯାହାର ଉଦାହରଣ ଇତିହାସ ପୃଷ୍ଠାର ଅନ୍ୟ କୌଣସି ଠାରେ ଦେଖିବାକୁ ମିଳୁ ନାହିଁ ।** ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ଅସ୍‌କରୀ ପଡ଼ିଆରେ ସମସ୍ତ ପ୍ରକାରର ସଫଳତା ହଜରତ ଖାଲିଦ୍[ର.ଅ] ଓ ତାଙ୍କ ସାଥି ସେନାଧକ୍ଷମାନଙ୍କ ପ୍ରଚେଷ୍ଟାର ପରିଣାମ ଥିଲା । କିନ୍ତୁ ଏହି ସତ୍ୟତାକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ ଯେ ଏ ସମସ୍ତ ସଫଳତା ଓ ବିଜୟ ଲାଭ କରିବାରେ ହଜରତ ଅବୁବକର୍ ସିଦ୍ଦିକ୍ [ର.ଅ]ଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ଇତିହାସ ଏହାର ସାକ୍ଷୀ ଯେ କୌଣସି ସେନାର ଦକ୍ଷ ଓ ଧୁରନ୍ଧର ସେନାଧକ୍ଷ ଏପରି ଦୃଢ ବିଶ୍ୱାସ, ଏକାଗ୍ରତା, ବିଶ୍ୱସ୍ତତା ଓ ନିଷ୍ଠାର ପ୍ରଦର୍ଶନ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତାହାକୁ ଦେଶର ମୁଖିଆର ବ୍ୟକ୍ତିଗତ ସୁଗୁଣ ଓ ସୁନ୍ଦର ଆଚରଣ ପ୍ରଭାବିତ କରି ନାହିଁ । ଯେଉଁସ୍ଥଳେ ଇସଲାମର ପ୍ରଥମ ଖଲିଫାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଆସନ ହାସଲ ହୋଇଛି ସେହିସ୍ଥଳେ ହଜରତ ଖାଲିଦ୍[ର.ଅ] ମଧ୍ୟ ସେହି ସୁପ୍ରସିଦ୍ଧ ସେନାଧକ୍ଷମାନଙ୍କ ମଧ୍ୟରୁ ସର୍ବପ୍ରଥମ ସେନାପତି ଥିଲେ ଯେ ବିଭିନ୍ନ ଅଂଚଳ ଜୟ କରିବାରେ ଏବଂ ବିଶ୍ୱର ରାଜନୈତିକ ଓ ଧାର୍ମିକ ନକ୍ସାକୁ ନୂତନ ରୂପରେଖ ଦେବାରେ ହଜରତ ଅବୁବକର୍ [ର.ଅ]ଙ୍କର ପ୍ରମୁଖ ଅବଦାନ ରହିଥିଲା । ଯେପରି ମୁସଲମାନମାନେ ହଜରତ ଅବୁବକର୍ [ର.ଅ]ଙ୍କର ପ୍ରଶାସନିକ ଓ ଆଧ୍ୟାତ୍ମିକ ମାର୍ଗଦର୍ଶନ ଦ୍ୱାରା ଏବଂ ହଜରତ ଖାଲିଦ୍ [ର.ଅ]ଙ୍କ ଅସକରୀ ନେତୃତ୍ୱ ମାଧ୍ୟମରେ ଇରାକ୍‌ର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଭୀଷଣ ବେଗରେ ମାଡ଼ି ଆସୁଥିବା ଝଡ଼ ତୋଫାନ୍ ପରି ପରିବ୍ୟାପ୍ତ ହୋଇଗଲେ । ସେହିପରି ଆଉ ଏକ ସାମ୍ରାଜ୍ୟ ଉପରେ ଆକ୍ରମଣ କରିବାକୁ ମନସ୍ଥ କରିସାରିଥିଲେ ଏବଂ ତାହା ରୋମର ପୂର୍ବ ଭାଗ ଥିଲା । ସେ ଯାହା ହେଉ ହଜରତ ଅବୁବକର୍ ସିଦ୍ଦିକ୍ [ର.ଅ]ଙ୍କ ଖିଲାଫତ୍ କାଳର ଆଉ ଅଳ୍ପ କିଛି ଘଟଣାବଳୀ ବାକି ରହିଛି ଯାହାକି ଇନ୍‌ଶାଅଲ୍ଲାଃ ପରବର୍ତ୍ତୀ ସମୟରେ ଚର୍ଚ୍ଚା ହେବ ।

ଖୁତ୍‌ବା ସାନିୟା ପୂର୍ବରୁ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ, ଆସନ୍ତା ଜୁମ୍ମା ଦିନରୁ ଇନ୍‌ଶାଅଲ୍ଲାଃ ଜମାଅତ୍ ଅହେମଦିୟା ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଦୁଆ କରିବେ ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ଏହି ଜଲସାକୁ ସଫଳ କରନ୍ତୁ । ଯେଉଁମାନେ ଜଲସାରେ ଯୋଗ ଦେବାକୁ ଆସୁଛନ୍ତି ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ ଏବଂ ସେମାନେ ସୁରକ୍ଷିତ ଭାବରେ ଆସି ଏଠାରେ ପହଂଚନ୍ତୁ । ଯେଉଁମାନେ ଡ଼ିୟୁଟି ଦେଉଛନ୍ତି ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । କାରଣ ଏଥର ଦୁଇ ନୁହେଁ ବରଂ ତିନି ବର୍ଷ ବ୍ୟବଧାନରେ (ଯଦିଚ ଗତବର୍ଷ ଜଲସା ଅନୁଷ୍ଠିତ ହୋଇଥିଲା କିନ୍ତୁ ସାଧାରଣ ଧରଣର ହୋଇଥିଲା) ଏଥର ପୂର୍ବପରି ବଡ଼ ଧରଣର ଜସଲା ଆୟୋଜିତ ହେବ । ଏହି ଦୃଷ୍ଟିରୁ (ସମ୍ଭବତଃ) କିଛି ସମସ୍ୟା ମଧ୍ୟ ଉପୁଜିବ । ଅଲ୍ଲାଃତାଲା ସମସ୍ତ ପ୍ରକାରର ବ୍ୟବସ୍ଥାମୂଳକ ସମସ୍ୟାକୁ ଦୂର କରି ଦିଅନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

29th July 2022